# ମୀନା ବଜାର ବିଜ୍ଞାପନ

**ପତ୍ର ସଂଖ୍ୟା...1590........../** **ତା:2-6-2022**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛିକି, ଚଳିତ ୨୦୨୨ ବର୍ଷ ରଥଯାତ୍ରା ଉପଲକ୍ଷେ ଗୁଣ୍ଡିଚା ବାଡ଼ି ସମ୍ମୁଖରେ ଥିବା ପଡ଼ିଆଠାରେ ମୀନା ବଜାର କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ନିର୍ଦ୍ଧାରିତ ହୋଇଅଛି।

ଏଣୁ ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ନିଜର ନାମ ଓ ସବିଶେଷ ବିବରଣୀ ସାଧା କାଗଜରେ ଲେଖି ଆସନ୍ତା **ତା ୧୦.୦୬.୨୦୨୨ ରିଖ ଦିବା ୧.୦୦ ଘଣ୍ଟା** ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଜଉମୁଦ ଦିଆ ଖାମରେ ଟେଣ୍ଡର ପେପର ନିଧାରିତ ବାକ୍ସରେ ପକାଇପାଇଁ ଆହ୍ୱାନ କରାଯାଉଛି । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ କୌଣସି ଟେଣ୍ଡର ପେପର ଗ୍ରହଣ କରାଯିବ ନାହିଁ ଏବଂ ସେହିଦିନ **ତା. ୧୦.୦୬.୨୦୨୨ ଅପରାହ୍ନ ଘ.୪.୦୦** ସମୟରେ କମିଟିର ସଭ୍ୟ ଏବଂ ନିଲାମଧରୀଙ୍କ ଉପସ୍ଥିତିରେ ଟେଣ୍ଡର ପେପର ଖୋଲାଯିବ । ଏହି ଟେଣ୍ଡର ର ସର୍ବନିମ୍ନ ମୂଲ୍ୟ **ଟ ୨୦,୬୨,୫୦୦/-ଙ୍କା** ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ମୂଲ୍ୟ ରୁ କମ୍ ଦାମ୍ ଉଲ୍ଲେଖ ଥିବା ଟେଣ୍ଡର ବିଚାର ପାଇଁ ଗ୍ରହଣ କରାଯିବ ନାହିଁ ଏବଂ ସଂପୃକ୍ତ ଟେଣ୍ଡର ପେପରଟି ରଦ୍ଦ କରିଦିଆଯିବ । ଯଦି ସମସ୍ତ ନିଲାମଧାରି ଅସଫଳ ହୁଅନ୍ତି ତାହେଲେ ସେମାନଙ୍କ ସହ ଚୁକ୍ତି ପୂର୍ବକ ଆଲୋଚନା ମାଧମରେ ସର୍ବୋଚ ଟେଣ୍ଡର ମୂଲ୍ୟ ଧାର୍ଯ୍ୟ କରିବା ପାଇଁ ନିମ୍ନ ସ୍ୱାକ୍ଷରକାରିଙ୍କ ଅଧିକାର ଅଛି । ଇଚ୍ଛୁକ ବ୍ୟକ୍ତି ଅମାନତ ରାସି **ଟ ୨,୦୬,୨୫୦/-ଙ୍କା** ର ବ୍ୟାଙ୍କରସ୍ ଚେକ୍ କିମ୍ବା ବ୍ୟାଙ୍କ୍ ଡ୍ରାଫଟ ପାରଳାଖେମୁଣ୍ଡି ସହରରେ ଅବସ୍ଥିତ ଯେକୌଣସି ଜାତୀୟକରଣ ବ୍ୟାଙ୍କରେ Secretary, Ratha Yatra Committee, Paralakhemundi ଙ୍କ ନାମରେ କରି ଟେଣ୍ଡର ପେପର ସହ ଦାଖଲ କରିବେ ଏବଂ ଅସଫଳ ନିଲାମଧାରୀ ଦେଇଥିବା ଚେକ୍ /ଡ୍ରାଫଟ୍ ଫେରସ୍ତ ଦିଆଯିବ । **ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ବା ଚୁକ୍ତି ପୂର୍ବକ ଆଲୋଚନା ମାଧମରେ ମୂଲ୍ୟ ଧାର୍ଯ୍ୟ ହୋଇଥିବା ନିଲାମଧାରୀ ନିଲାମର ବକେୟା ଅର୍ଥ ତତକାଳ ନଗଦ ଆକାରରେ ପୈଠ କରିବାକୁ ବାଧ । ଯଦି ସମ୍ପୂର୍ଣ୍ଣ ରାଶି ପୈଠ କରିବାରେ ଅସମର୍ଥ ହୁଅନ୍ତି ତେବେ ଟେଣ୍ଡର ପେପର ସହତି ପୈଠ କରିଥିବା ଅମାନତ ରାସି ବାଜ୍ୟାପ୍ତି (Forfeit) କରାଯିବ** ଏବଂ ପରବର୍ତ୍ତୀ ନିଲାମଧାରୀଙ୍କ ଟେଣ୍ଡର୍ ପେପରଟି ବିଚାରକୁ ନିଆଯିବ। ନିଲାମରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ବା ଅନୁଷ୍ଠାନ ମୀନା ବଜାର ପ୍ରଦର୍ଶନ ନିମନ୍ତେ ଆବଶ୍ୟକୀୟ ଭେଲିଡ ଲାଇସେନସ୍ ଟେଣ୍ଡର ପେପର ସହିତ ଦାଖଲ କରିବେ । ସର୍ବୋଚ୍ ନିଲାମ ଡାକିଥିବା ବ୍ୟକ୍ତି ବା ଚୁକ୍ତି ପୁର୍ବକ ଆଲୋଚନା ମାଧମରେ ନିଲାମ ଡାକିଥିବା ବ୍ୟକ୍ତି ବା ଅନୁଷ୍ଠାନକୁ **ତା ୦୧.୦୭.୨୦୨୨ ଠାରୁ ୧୧.୦୭.୨୦୨୨** ପର୍ଯ୍ୟନ୍ତ ମୀନାବଜାର ପରିବେଷଣ ପାଇଁ ଆଦେଶ ଦିଆଯିବ । ଗ୍ରହଣ କରାଯାଇଥିବା ଯେ କୌଣସି ଟେଣ୍ଡର ପେପର କିମ୍ବା ସମସ୍ତ ଟେଣ୍ଡର ପେପର ଗୁଡିକ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ଅଛି ।

ନିମ୍ନ ନିଧାରିତ ମୂଲ୍ୟ ପ୍ରକାରେ ନିଲାମ ଧାରି ବିଭିନ୍ନ ଖେଳ ଓ ପ୍ରଦର୍ଶନ ଗୁଡିକ ଉପରେ ( **ତା ୦୧.୦୭.୨୦୨୨ ଠାରୁ ୧୧.୦୭.୨୦୨୨** ) ଶୁଳ୍କ ଆଦାୟ କରିବେ ।

**୧. ରାମ ଦୋଳି- ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ. ୫୦.୦୦ଙ୍କା**
**୨. ମଥକା କୂଅ - ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ. ୫୦.୦୦ଙ୍କା**
**୩.ଡ୍ରାଗନ ଟ୍ରେନ୍ - ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ.୫୦.୦୦ଙ୍କା**
**୪. ବ୍ରେକ ଡ୍ୟାନସ - ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ. ୫୦.୦୦ଙ୍କା**
**୫. ମ୍ୟାଜିକ ସୋ- ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ. ୫୦.୦୦ଙ୍କା**
**୬. ଶିଶୁ (୧୨ ବର୍ଷ ପର୍ଯ୍ୟନ୍ତ) ମାନଙ୍କ ପାଇଁ ପ୍ରଦର୍ଶନ ଓ ଖେଳ ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ.୨୦.୦୦ଙ୍କା**

**ବି.ଦ୍ର.** - ତିନୋଟି ରଥ ଅବସ୍ଥାପିତ ନିମନ୍ତେ ଚିହ୍ନଟ ହୋଇଥିବା ଅଞ୍ଚଳ ମୀନାବଜାର ପରିବେଷଣ ନିମନ୍ତେ ଅନୁମତି ଦିଆଯିବ ନାହିଁ ।

ଉପଜିଲ୍ଲାପାଳ, ପାରଳାଖେମୁଣ୍ଡି-ତଥା ସମ୍ପାଦକ
ରଥଯାତ୍ରା କମିଟି, ପାରଳାଖେମୁଣ୍ଡି

ପରିପତ୍ର ସଂଖ୍ୟା...1591... ତା...2-6-2022...

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ତହସିଲଦାରଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ପାରଳାଖେମୁଣ୍ଡି ପୌରପାଳିକା କାର୍ଯ୍ୟାଳୟ ନୋଟିସ୍ ବୋର୍ଡ ଏବଂ ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କୁ ବହୁଳ ପ୍ରଚାର ଓ ପ୍ରସାର ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପଜିଲ୍ଲାପାଳ,ପାରଳାଖେମୁଣ୍ଡି-ତଥା
ସମ୍ପାଦକ ରଥଯାତ୍ରା କମିଟି, ପାରଳାଖେମୁଣ୍ଡି ।

ପରିପତ୍ର ସଂଖ୍ୟା...1592... ତା...2-6-2022...

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (ଏନ୍.ଆଇ.ସି) ଗଜପତିଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା କି ଉକ୍ତ ବିଜ୍ଞାପନର ସବିଶେଷ ବିବରଣୀ ଗଜପତି ଜିଲ୍ଲାର ଏନ.ଆଇ.ସି. ୱେବସାଇଟରେ **(www.gajapati.nic.in)** ସମସ୍ତଙ୍କ ଅବଗତି ନିମନ୍ତେ ଉପଲବ୍ଧ (Host) କରିବା ହେବେ ।

ଉପଜିଲ୍ଲାପାଳ,ପାରଳାଖେମୁଣ୍ଡି-ତଥା
ସମ୍ପାଦକ ରଥଯାତ୍ରା କମିଟି, ପାରଳାଖେମୁଣ୍ଡି

# <u>ମୀନା ବଜାର ନିଲାମ ଇସ୍ତାହାର</u>

ଚଳିତ ୨୦୨୨ ବର୍ଷ ପାରଳାଖେମୁଣ୍ଡି ରଥଯାତ୍ରା ଉପଲକ୍ଷେ ଗୁଣ୍ଡିଚା ବାଡ଼ି ପଡ଼ିଆଠାରେ ମୀନା ବଜାର ଆୟୋଜନ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କ ଠାରୁ ନିଲାମ ଆହ୍ୱାନ କରାଯାଇ ଅଛି । ଉକ୍ତ ବିଜ୍ଞାପନର ସବିଶେଷ ବିବରଣୀ ଗଜପତି ଜିଲ୍ଲାର ଏନ.ଆଇ.ସି. ୱେବସାଇଟରେ **(www.gajapati.nic.in)** ସମସ୍ତଙ୍କ ଅବଗତି ନିମନ୍ତେ ଉପଲବ୍ଧ କରିବା ହେବେ ।

Sd/- 07/05/22

ଉପଜିଲ୍ଲାପାଳ,ପାରଳାଖେମୁଣ୍ଡି-ତଥା

ସମ୍ପାଦକ ରଥଯାତ୍ରା କମିଟି, ପାରଳାଖେମୁଣ୍ଡି